# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 July – 2026

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଏଲ୍-ନିନୋର ସମ୍ଭାବ୍ୟ ପ୍ରଭାବ ଓ ପ୍ରସ୍ତୁତି ସଂକ୍ରାନ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ
- ସାଇବର ଠକେଇ ମାମଲାରେ ତ୍ୱରିତ ସମାଧାନ ନେଇ ଓଡ଼ିଶା ପୁଲିସ ପକ୍ଷରୁ ଇ-ଜିରୋ ଏଫ୍.ଆଇ.ଆର୍ ବ୍ୟବସ୍ଥାର ଶୁଭାରମ୍ଭ
- ହୀରାକୁଦ ଜଳପରିଚାଳନା ନେଇ ସମ୍ବଲପୁରଠାରେ ଆନ୍ତଃରାଜ୍ୟ ବୈଠକ ଆୟୋଜିତ
- ଯୁକ୍ତ ଦୁଇ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ

ଏବଂ

- ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ୮ଦିନ ବାକି, ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି କାର୍ଯ୍ୟ

Engslih Pool

# ପିଏମ୍‌ଓ-ଏଲ୍-ନିନୋ

ଏଲ୍-ନିନୋର ସମ୍ଭାବ୍ୟ ପ୍ରଭାବ ଏବଂ ଏ ନେଇ ବିଭିନ୍ନ କ୍ଷେତ୍ରରେ ପ୍ରସ୍ତୁତି ସଂକ୍ରାନ୍ତ ଏକ ସମୀକ୍ଷା ବୈଠକ  ନୂଆଦିଲ୍ଲୀର ସେବାତୀର୍ଥଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଲ୍-ନିନୋ ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳର ପର୍ଯ୍ୟାପ୍ତ ଉପଲବ୍ଧତାକୁ ଉଚ୍ଚ ପ୍ରାଥମିକତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ରାଜ୍ୟଗୁଡ଼ିକ ସହିତ ସମନ୍ୱୟ ରକ୍ଷା ମାଧ୍ୟମରେ ପଦକ୍ଷେପ ଗ୍ରହଣ କରିବାକୁ ଡକ୍ଟର ମିଶ୍ର ପରାମର୍ଶ ଦେଇଛନ୍ତି । ପ୍ରଭାବର ମୂଲ୍ୟାଙ୍କନ କରାଯିବା ସହିତ ଏହାର ସମାଧାନ ପନ୍ଥାନେଇ କାର୍ଯ୍ୟ କରିବାକୁ ବୈଠକରେ ଆଲୋଚନା କରାଯାଇଛି।

Kataka

# ଇ-ଜିରୋ ଏଫ୍‌ଆଇଆର୍

ସାଇବର ଆର୍ଥିକ ଠକେଇ ମାମଲାର ତ୍ୱରିତ ପଞ୍ଜୀକରଣ, ଦ୍ରୁତ ତଦନ୍ତ ଏବଂ ଏଥିରେ ଶିକାର ହୋଇଥିବା ବ୍ୟକ୍ତିଙ୍କ ମାମଲାର ତ୍ୱରିତ ସମାଧାନ ଦିଗରେ ଓଡ଼ିଶା ପୁଲିସ ପକ୍ଷରୁ ଆଜି ଇ-ଜିରୋ ଏଫ୍.ଆଇ.ଆର୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପୁଲିସ ମହାନିର୍ଦ୍ଦେଶକ

ଯୋଗେଶ ବାହାଦୂର ଖୁରାନିଆ ଉଦ୍‌ଘାଟନ କରି କହିଛନ୍ତି, ସାଇବର ଅପରାଧର ମୁକାବିଲା ପାଇଁ ଆଧୁନିକ ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର କରାଯିବ। ଏଥିସହ ନାଗରିକଙ୍କୁ ତ୍ୱରିତ, ସ୍ୱଚ୍ଛ ଓ ଜନକଲ୍ୟାଣମୂଳକ ପୁଲିସ ସେବା ପ୍ରଦାନ କରିବାକୁ ରାଜ୍ୟ ପୁଲିସ ପ୍ରତିଶ୍ରୁତିବଦ୍ଧ। ସାଇବର ଆର୍ଥିକ ଠକେଇର ଶିକାର ହୋଇଥିବା ବ୍ୟକ୍ତିବିଶେଷ ବିଳମ୍ବ ନ କରି ତୁରନ୍ତ ୧୯୩୦ରେ ଅଭିଯୋଗ କରିବାକୁ ଶ୍ରୀ ଖୁରାନିଆ ଅନୁରୋଧ କରିଛନ୍ତି। ଶୀଘ୍ର ଅଭିଯୋଗ କଲେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇପାରିବ ଏବଂ ଠକେଇ ହୋଇଥିବା ଅର୍ଥ ଫେରିପାଇବାର ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ନୂତନ ବ୍ୟବସ୍ଥା ଅନୁଯାୟୀ ୧୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇ ସମ୍ବନ୍ଧୀୟ ଅଭିଯୋଗ ୧୯୩୦ରେ ପଞ୍ଜୀକୃତ ହେଲେ ସ୍ୱୟଂଚାଳିତ ଭାବେ ଇ-ଜିରୋ ଏଫ୍.ଆଇ.ଆର୍ କରାଯାଇପାରିବ। ପରବର୍ତ୍ତୀ ସମୟରେ ଅପରାଧ ଶାଖାର ସାଇବର ପୁଲିସ ଷ୍ଟେସନ୍‌କୁ ଏହା ପଠାଯିବ। ପ୍ରାଥମିକ ଯାଞ୍ଚ ପରେ ସାଇବର ପୁଲିସ ଷ୍ଟେସନ୍ ନିୟମିତ ଏଫ୍.ଆଇ.ଆର୍ ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିବ। ଏହି ବ୍ୟବସ୍ଥା ମାଧ୍ୟମରେ ମାମଲା ପଞ୍ଜୀକରଣ ଓ ସୂଚନା ଆଦାନ ପ୍ରଦାନ ଅଧିକ ଦ୍ରୁତ ଓ ସୁବ୍ୟବସ୍ଥିତ ହେବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି।

Sambalpur

## ବନ୍ୟାଜଳ ବୈଠକ

ହୀରାକୁଦ ଜଳ ପରିଚାଳନା ନେଇ ସମ୍ବଲପୁର ଜିଲ୍ଲା ବୁର୍ଲାସ୍ଥିତ ଅଶୋକ ନିବାସଠାରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆନ୍ତଃରାଜ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରୀୟ ଜଳ ଆୟୋଗର ଅଧିକାରୀ, ଓଡ଼ିଶା ଓ ଛତିଶଗଡ଼ ଜଳ ସମ୍ପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆସନ୍ତାକାଲି ହୀରାକୁଦ ଜଳଭଣ୍ଡାରରୁ ନିଷ୍କାଷିତ ହେବାକୁ ଥିବା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଉପରେ ଆଲୋଚନା ହୋଇଛି। କଲ୍‌ମା ବ୍ୟାରେଜ୍‌ର ୬୧ଟି ଗେଟ୍ ଖୋଲାଯାଇଥିବା ବେଳେ ୫ଟି ଗେଟ୍ ବନ୍ଦ କରାଯାଇଛି। ବୈଠକ ସମ୍ପର୍କରେ ଛତିଶଗଡ଼ ଜଳସମ୍ପଦ ବିଭାଗର ପ୍ରତିନିଧି ପ୍ରଣୟ ପାଳ କହିଛନ୍ତି...

**- V/O –**

Desk

# ପୁଲିସ ପଦବୀ ଖାଲି

ରାଜ୍ୟ ପୁଲିସ ବିଭାଗରେ ପ୍ରାୟ ୩୩ ହଜାର ପଦବୀ ଖାଲି ପଡ଼ିଛି ବୋଲି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି। ଜନସଂଖ୍ୟା ତୁଳନାରେ ଓଡ଼ିଶା ପୁଲିସ ବିଭାଗରେ ମାନବ ସମ୍ବଳ କମ୍ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗତ ଦୁଇ ବର୍ଷ ମଧ୍ୟରେ ୧୭ ହଜାର ନୂଆ ପଦବୀ ସୃଷ୍ଟି କରାଯାଇଛି। ସମସ୍ତ ଖାଲିଥିବା ପଦବୀଗୁଡ଼ିକୁ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି।

I&PR

# ପେନସନ୍ ସମାଧାନ ଶିବିର

ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟରେ ଛତିଶଗଡ଼ ଏବଂ ଓଡ଼ିଶା ଉପକ୍ଷେତ୍ର ଓ ରାଜ୍ୟ ଶ୍ରମିକ ବୋର୍ଡ ତତ୍ତ୍ୱାବଧାନରେ ଆସନ୍ତା ଶୁକ୍ରବାର ଦିନ ଏକ ରକ୍ଷା ପେନସନ୍ ସମାଧାନ ଶିବିର ଅନୁଷ୍ଠିତ ହେବ। ରାଜ୍ୟରେ ରହୁଥିବା ପ୍ରତିରକ୍ଷା ପେନସନ୍‌ଭୋଗୀମାନଙ୍କର ପେନସନ୍ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ଏହି ଶିବିର ଆୟୋଜନ କରାଯାଉଛି। ପ୍ରତିରକ୍ଷା ପେନସନ୍‌ଭୋଗୀମାନେ ଉପଯୁକ୍ତ ଦସ୍ତାବିଜ ସହ ରେଳ ମୁଖ୍ୟାଳୟରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି।

Desk

# ମେଧାତାଲିକା ପ୍ରକାଶ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପାଠ୍ୟକ୍ରମର ନାମଲେଖା ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଆସନ୍ତାକାଲିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ନାମଲେଖା ଜାରି ରହିବ। ଏହି ପର୍ଯ୍ୟାୟରେ ବିଜ୍ଞାନ ବିଭାଗ ପାଇଁ ୯୩ ଦଶମିକ ୪ ପ୍ରତିଶତ, ବାଣିଜ୍ୟ ବିଭାଗ ପାଇଁ ୮୨ ଦଶମିକ ୪ ପ୍ରତିଶତ, କଳା ବିଭାଗ ପାଇଁ ୮୧ ପ୍ରତିଶତ କଟ୍ ଅଫ୍ ସ୍ଥିର କରାଯାଇଛି। ଆବେଦନ କରିଥିବା ୪ ଲକ୍ଷ ୬୧ ହଜାର ଶିକ୍ଷାର୍ଥୀଙ୍କ ମଧ୍ୟରୁ ୪ ଲକ୍ଷ ୨୯ ହଜାର ନାମ ଲେଖାଇବା ପାଇଁ ମନୋନୀତ ହୋଇଛନ୍ତି।

Desk/Dhenkanal/Boudh

## ଫିଟନେସ୍ ଓ ପଞ୍ଜୀକରଣ ଯାଞ୍ଚ

ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଗାଡ଼ି ଫିଟ୍‌ନେସ୍ ଯାଞ୍ଚ କାର୍ଯ୍ୟ ଆଜି ଦ୍ୱିତୀୟ ଦିନରେ ଜାରି ରହିଛି। ପରିବହନ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ୩ ହଜାର ୫୭ଟି ଗାଡ଼ିର ଯାଞ୍ଚ କରାଯାଇଛି। ଫିଟ୍‌ନେସ୍ ଓ ପଞ୍ଜୀକରଣ ନଥିବା ୪୭୮ଟି ଗାଡ଼ିର ଇ-ଚାଲାଣ ସହିତ ପରମିଟ୍ ନଥିବା ୧୭୨ଟି ଗାଡ଼ିର ମଧ୍ୟ ଚାଲାଣ କଟାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୁଲିସ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ପରିବହନ ବିଭାଗ ପକ୍ଷରୁ ବାହନ ଏବଂ ଇ-ଚାଲାଣ ଡ୍ୟାସବୋର୍ଡରେ ଆଲର୍ଟ ବ୍ୟବସ୍ଥା କରାଯାଇଛି।

ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭ ଲକ୍ଷ ୮୦ ହଜାର ୫୯୯ ଟଙ୍କା ଜରିମାନା ଆଦାୟ କରାଯାଇଛି।

ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ଟ୍ରାଫିକ ନିୟମପାଳନ ଓ ଗାଡ଼ି ଯାଞ୍ଚକୁ ଅଧିକ କଡ଼ାକଡ଼ି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପରିବହନ, ପୁଲିସ, ଅବକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଏହାକୁ ପାଳନ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି।

# ରଥଯାତ୍ରା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ମାତ୍ର କିଛି ଦିନର ଅପେକ୍ଷା। ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ଶ୍ରୀବିଗ୍ରହମାନଙ୍କୁ ସ୍ୱାଗତ କରିବା ପାଇଁ ବଡ଼ଦାଣ୍ଡକୁ ସୁସଜ୍ଜିତ କରାଯାଉଛି।

ଶୁଣନ୍ତୁ ଏ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା...

ଶ୍ରୀଗୁଣ୍ଡିଚା ଯାତ୍ରାରେ ବଡ଼ଭାଇ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଦାଣ୍ଡକୁ ବିଜେ କରିବେ। ଶ୍ରୀବିଗ୍ରହଙ୍କର ତିନିରଥର ପ୍ରଭାଗୁଡ଼ିକର ରଙ୍ଗଚିତ୍ର କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଁଞ୍ଚିଛି। ଅନ୍ୟପକ୍ଷରେ ଦରଜୀ ସେବକଙ୍କ ଦ୍ୱାରା ରଥକନା କଟା ସିଲେଇ କାର୍ଯ୍ୟ ଏବଂ ହଂସପଟା ବାଡ଼ିଆ କାର୍ଯ୍ୟ ଆଜି ଜାରି ରହିଛି। ପରେ କଳସ ଉଠା ଯିବା ସହ ଠେକେରା ବାଡ଼ ଓ କନକମୁଣ୍ଡିରେ ପିତ୍ତଳ ଛାଉଣି କରାଯିବ।

ଏହାମଧ୍ୟରେ ତିନିରଥର ମହାରଣା ସେବକମାନେ ୧୦ଟି ଲେଖାଏଁ ରଥ ମୋଡ଼ ଚକ ଫାଳି ନିର୍ମାଣ ଶେଷ କରିଛନ୍ତି। ଶ୍ରୀମନ୍ଦିରର ଅଣସର ଗୃହରେ ଶ୍ରୀଜୀଉମାନଙ୍କର ଗୁପ୍ତସେବା ଜାରି ରହିଛି। ଷଷ୍ଠୀ ତିଥିରୁ ଆରମ୍ଭ ହୋଇଥିବା ଓଷୋ ଲାଗି ନୀତି ଆସନ୍ତା ନବମୀ ତିଥି ପର୍ଯ୍ୟନ୍ତ ଚାଲିବ। ମହାପ୍ରଭୁ ଜ୍ୱରରୁ ଉପଶମ ଲାଭ କରିବା ପରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା

ତିଥିରେ ନବଦିନାତ୍ମକ ଯାତ୍ରାରେ ମାଉସୀମା ଘରକୁ ବାହାରିବେ। ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆଙ୍କ ବାରମାରେ ତେର ପର୍ବ ମଧ୍ୟରୁ ରଥଯାତ୍ରା ଅନ୍ୟତମ। ଏହା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ ବରଂ ସଂସ୍କୃତି, ସେବା ପରମ୍ପରା ଓ ସାମାଜିକ ସମନ୍ୱୟର ନିଚ୍ଛକ ଉଦାହରଣ। ରଥ ବି ପ୍ରସ୍ତୁତ, ପଥ ବି ପ୍ରସ୍ତୁତ। ଭକ୍ତମାନେ ଅପେକ୍ଷା କରି ରହିଛନ୍ତି ସେହି ମହାର୍ଘ୍ୟ ମୁହୂର୍ତ୍ତକୁ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Boudh

## ବନ ମହୋତ୍ସବ

ବୌଦ୍ଧ ଜିଲ୍ଲାର ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ ବିଭାଗ ଅଧିକାରୀମାନେ ଯୋଗଦେଇ ପରିବେଶ ସୁରକ୍ଷା ଏବଂ ଭବିଷ୍ୟତ ପିଢ଼ିର ସୁରକ୍ଷିତ ଜୀବନ ପାଇଁ ବ୍ୟାପକ ବନୀକରଣ ସମୟର ଆହ୍ୱାନ ବୋଲି ମତବ୍ୟକ୍ତ କରିଛନ୍ତି।

Bhadrak

## ସାରସ୍ୱତ ସମାରୋହ

ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ୨୬ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଦିଗରେ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ।

Kandhamal

## ଜରିପାଲ ବଣ୍ଟନ

ଲଗାଣ ବର୍ଷା ପ୍ରଭାବରେ କନ୍ଧମାଳ ଜିଲ୍ଲାର ୨୭ଟି ଗ୍ରାମ ପଞ୍ଚାୟତ ପ୍ରଭାବିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାରେ ମାଟି ଅତଡ଼ା ଖସି ଯାତାୟତ ବନ୍ଦ ରହିଥିବାରୁ ସେହି ଅଞ୍ଚଳରେ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଛି।

Desk

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଅବପାତ ଦୁର୍ବଳ ହେବା ପରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ପାଣିପାଗ ବିଭାଗ ସୂଚନା ଅନୁସାରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଆଜି ଘଡ଼ଘଡ଼ି ସହିତ ବର୍ଷା ହେବା ନେଇ ଅନୁମାନ କରାଯାଇଛି ।  ଆସନ୍ତାକାଲି ହୀରାକୁଦ ଜଳଭଣ୍ଡାରର ପୂର୍ବାହ୍ନ ୧୧ଟା ସମୟରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ।

Desk

## ରଥଯାତ୍ରା-ମକ୍‌ଡ୍ରିଲ

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଆଜି ଦ୍ୱିତୀୟ ଦିନରେ ପୁରୀ ରେଲୱେଷ୍ଟେସନ୍‌ଠାରେ ମକ୍‌ଡ୍ରିଲ୍ ଜାରି ରହିଛି। ଓଡ୍ରାଫ୍, ଅଗ୍ନିଶମ, ଜିଆର୍‌ପି, ଆରପିଏଫ୍, ଏସ୍‌ଟିୟୁ ଓ ଜିଲ୍ଲା ପ୍ରଶାସନ ମିଳିତ ଭାବେ ଏହି ମକ୍‌ଡ୍ରିଲ କରୁଛନ୍ତି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ଏହାର ମୂଳ ଉଦ୍ଦେଶ୍ୟ। ପୁରୀ ରେଲଷ୍ଟେସନ୍‌ରେ ମକ୍‌ଡ୍ରିଲ କରାଯାଇଛି।